# ପାଉଁଶ ସମସ୍ୟାର ହୋଇପାରୁନି ସମାଧାନ

## ସିପିପିକୁ ନେଇ ଚିନ୍ତାରେ ନାଲ୍କୋ କର୍ତ୍ତୃପକ୍ଷ

ବଣ୍ଡଁରପାଳ,୨୫।୭(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲାରେ ଥିବା ନାଲ୍କୋର ତାପଜ ବିଦ୍ୟୁତ୍ କେନ୍ଦ୍ର (ସିପିପି)କୁ ନେଇ ସମସ୍ୟା ବଢ଼ିବାରେ ଲାଗିଛି। ପାଉଁଶ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ବେଳେ ଏବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନୋଟିସ ନାଲ୍କୋକୁ ଚିନ୍ତାରେ ପକାଇ ଦେଇଛି। ପାଉଁଶ ରଖିବା ପାଇଁ ବିକଳ୍ପ ନ ହେବା ପର୍ଯ୍ୟନ୍ତ ସିପିପିକୁ ବନ୍ଦ ରଖିବା ପାଇଁ ଉକ୍ତ ନୋଟିସରେ କୁହାଯିବାକୁ ନେଇ ଶ୍ରମିକ ସଙ୍ଗଠନଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ସିପିପିରୁ ନିର୍ଗତ ହେଉଥିବା ପାଉଁଶ ୩୭ ମିଲିୟନ ଟନ କ୍ଷମତା ଥିବା ଆଶ୍‌ପଣ୍ଡରେ ଗଚ୍ଛିତ ରଖାଯାଉଥିଲା। ହେଲେ ତାହା ପୂର୍ଣ୍ଣ ହୋଇଯିବା ପରେ ଗତ ୧୮ ମାସ ହେଲା ନାଲ୍କୋର ଲାଇଫ ଲାଇନ କୁହାଯାଉଥିବା ଲିନସ୍ଲୁରି ପ୍ରକଳ୍ପ ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରୁଛି।



ଏହି ଲିନସ୍ଲୁରି ପ୍ରକଳ୍ପ ଦେଇ ନାଲ୍କୋ ସିପିପିରୁ ଦୈନିକ ପ୍ରାୟ ୫ ହଜାର ଟନ୍ ପାଉଁଶ ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ ଭରାଯାଉଛି। କିନ୍ତୁ ୧୪ ଦିନ ହେଲା ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଏହି ପାଉଁଶ ଭରିବା କାର୍ଯ୍ୟକୁ ବିରୋଧ କରାଯାଉଥିବାରୁ ଲିନସ୍ଲୁରି ପ୍ରୋଜେକ୍ଟ ଯୋଗେ ପାଉଁଶ ନିଷ୍କାସନ କାର୍ଯ୍ୟ ବନ୍ଦ ରହିଛି। ଏହାର ପ୍ରଭାବ ନାଲ୍କୋ ତାପଜ ବିଦ୍ୟୁତ୍ କେନ୍ଦ୍ର ଉପରେ ପଡୁଛି। ପାଉଁଶ ନିଷ୍କାସନ ହୋଇପାରୁ ନ ଥିବାରୁ ସିପିପିରେ ଥିବା ୧୦ଟି ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ମଧ୍ୟରୁ ୫ଟି ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁ ନାହିଁ। ଫଳରେ ଏହାର ପ୍ରଭାବ ସ୍ମେଲଟର ପ୍ଲାଣ୍ଟ ଉପରେ ପଡୁଛି। ସ୍ମେଲଟରରେ ଥିବା ୯୬୦ ପଟ୍ ଚାଲିବା ପାଇଁ ୧୮୫ କିଲୋ ଆମ୍ପିୟର ବିଦ୍ୟୁତ୍ ଆବଶ୍ୟକ। ମାତ୍ର ଏବେ ପଟ୍‌ଗୁଡ଼ିକ ୧୬୦ କିଲୋ ଆମ୍ପିୟରରେ ଚାଲିଛି। ଫଳରେ ପ୍ଲାଣ୍ଟରୁ ଆଲୁମିନିୟମ ଉତ୍ପାଦନ ବ୍ୟାହତ ହେଉଛି। ଏପରି କି ଦୈନିକ ଆବଶ୍ୟକତା ମେଣ୍ଟାଇବା ପାଇଁ ନାଲ୍କୋକୁ ଚଢ଼ା ଦରରେ ଗ୍ରୀଡ୍‌ଠାରୁ ବିଦ୍ୟୁତ୍ କିଣିବାକୁ ପଡୁଛି। ଏ ସମ୍ପର୍କରେ ସିପିପି ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ କହିଛନ୍ତି, ପାଉଁଶ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

### ଜୋର୍‌ଦାର ଆନ୍ଦୋଳନ ହେବ



"ନାଲ୍କୋ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଥିବାରୁ ପ୍ଲାଣ୍ଟ ଚଳାଇବା ପାଇଁ ନାଲ୍କୋକୁ ବାହାରୁ ବିଦ୍ୟୁତ୍ କିଣିବାକୁ ପଡୁଛି। ପାଉଁଶ ନିଷ୍କାସନ ସମସ୍ୟାର ସମାଧାନ କରାଯିବା ପର୍ଯ୍ୟନ୍ତ ସିପିପି ବନ୍ଦ ରଖାଗଲେ ଏହାର ଗଭୀର ପ୍ରଭାବ ସ୍ମେଲଟର ଉପରେ ପଡ଼ିବ। ଏପରି କରାଗଲେ ୟୁନିୟନ ପକ୍ଷରୁ ଜୋରଦାର ଆନ୍ଦୋଳନ ହେବ।

-ବିଭବ ଜେନା, ସାଧାରଣ ସାମ୍ପାଦକ, ଏନ୍ଏସ୍‌ସିୟୁ

### ଜିଲା ପ୍ରଶାସନ ପଦକ୍ଷେପ ନେଉନାହିଁ



"ନାଲ୍କୋ ଏବେ ସଙ୍କଟ ଦେଇ ଗତି କରୁଛି। ଏ ବିଷୟରେ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳୁନାହିଁ। ଦିନକୁ ଦିନ ସ୍ଥିତି ଅଧିକ ଜଟିଳ ହେଉଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି।

-ବିନୋଦ କୁମାର ସାମଲ, ସାଧାରଣ ସମ୍ପାଦକ, ଏଏମ୍ଏସ୍

### ପ୍ଲାଣ୍ଟ ବନ୍ଦ ହେବାକୁ ଦିଆଯିବନି



"ସିପିପିରେ ପାଉଁଶ ନିଷ୍କାସନ ସମସ୍ୟା ଯୋଗୁ ବିଦ୍ୟୁତ୍ ଉତ୍ପାଦନ ଆବଶ୍ୟକ ଅନୁଯାୟୀ ହେଉନାହିଁ। ଏଥିଯୋଗୁ ସ୍ମେଲଟର ପ୍ଲାଣ୍ଟରେ ଆଲୁମିନିୟମ ଉତ୍ପାଦନ ହ୍ରାସ ପାଇଛି। ସିପିପି ପ୍ଲାଣ୍ଟକୁ ବନ୍ଦ ରଖିବା ପାଇଁ ଯେଉଁ ଯୋଜନା କରାଯାଉଛି ତାହାକୁ ସଫଳ କରାଇ ଦିଆଯିବ ନାହିଁ।

-ମନୋଜ ସ୍ୱାଇଁ, ଉପସଭାପତି, ନେସ୍

### ଚଢ଼ା ଦରରେ ବିଦ୍ୟୁତ୍ କିଣାଯାଉଛି



"ପାଉଁଶ ନିଷ୍କାସନ ହୋଇପାରୁ ନ ଥିବାରୁ ସିପିପିର ଅଧିକାଂଶ ୟୁନିଟ୍ ବନ୍ଦ ରହିଛି। ଏହାର ପ୍ରଭାବ ସ୍ମେଲଟର ପ୍ଲାଣ୍ଟ ଉପରେ ପଡୁଛି। ସେଠାରେ ଥିବା ପଟ୍‌ଗୁଡ଼ିକ ଲୋ କିଲୋ ଆମ୍ପିୟରରେ ଚାଲୁଛି। ତେଣୁ ଆବଶ୍ୟକତା ମେଣ୍ଟାଇବା ପାଇଁ ଚଢ଼ା ଦରରେ ବିଦ୍ୟୁତ୍ କିଣାଯାଉଛି।

-ବନମାଳୀ ସେଠୀ, ସଭାପତି, ନାଲ୍କୋ ଅଫିସର୍ସ ଆସୋସିଏଶନ

## କେନ୍ଦୁପତ୍ର ସହ ବସ୍ ଜବତ, ୩ ଗିରଫ

ବଇଣ୍ଡା,୨୫।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବାମୁର ବନ ବିଭାଗ ପକ୍ଷରୁ କିଶୋରନଗର ବ୍ଲକ ବାମୁର ଛକରେ ମଙ୍ଗଳବାର ଚଢ଼ାଉ କରାଯାଇ ଏକ ଯାତ୍ରୀବାହୀ ବସ୍‌ରୁ ୨୦ ବଣ୍ଡଲ ଚୋରା କେନ୍ଦୁପତ୍ର ଜବତ କରାଯାଇଛି। ଏହି ଚାଲାଣରେ ସମ୍ପୃକ୍ତ ଥିବା ବସ୍ କର୍ମଚାରୀ ସମ୍ବଲପୁର ଜିଲା ଝୁମୁମୁରା ଅଞ୍ଚଳର ରବୀନ୍ଦ୍ର ଧରୁଆ, କୁଚିଣ୍ଡା ଅଞ୍ଚଳର ପିଣ୍ଟୁ ମିର୍ଦ୍ଧା, ଚିପିଲିମା ଅଞ୍ଚଳର ସୁରେନ୍ଦ୍ର



ମହାନନ୍ଦିଆଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, କିଶୋରନଗର ଥାନା ତାଳପଦର ଅଞ୍ଚଳରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ଉକ୍ତ ବସ୍ (ନଂ. ଓଡି୧୫ଡି- ୦୭୫୫)ରେ କର୍ମଚାରୀମାନେ ତାଳପଦର ଅଞ୍ଚଳରୁ ୨୦ ବଣ୍ଡଲ ଚୋରା କେନ୍ଦୁପତ୍ର ଝାରସୁଗୁଡା ଅଭିମୁଖେ ଚାଲାଣ କରୁଥିବା ଖବର ପାଇବା ପରେ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ଫରେଷ୍ଟର ଅନ୍ତର୍ଯାମୀ ସାହୁ, ଫରେଷ୍ଟର ଗାର୍ଡ ସୁନିତା ଦଳ ବେହେରା ପ୍ରମୁଖ ବାମୁରଠାରେ ଗାଡ଼ିକୁ ଅଟକାଇ କେନ୍ଦୁପତ୍ର ଓ ବସ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛନ୍ତି।

## ସରକାର ହସ୍ତକ୍ଷେପ କରନ୍ତୁ

ବଣ୍ଡଁରପାଳ,୨୫।୭(ଉପେନ୍ଦ୍ର ରାଉତ)

ନାଲ୍କୋ ବିଦ୍ୟୁତ୍ ପ୍ରକଳ୍ପର ଲାଇଫ ଲାଇନ କୁହାଯାଉଥିବା ଲିନସ୍ଲୁରି ପ୍ରକଳ୍ପ ତାଳଚେର ସୁରକ୍ଷା ମଞ୍ଚର ଆନ୍ଦୋଳନ ଯୋଗୁ ବନ୍ଦ ରହିଥିବାରୁ ସିପିପିରୁ ପାଉଁଶ ନିଷ୍କାସନ ହୋଇପାରୁ ନାହିଁ। ଏଥିଯୋଗୁ ନାଲ୍କୋର ନିଜସ୍ୱ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି। ଫଳରେ ନାଲ୍କୋ ସ୍ମେଲଟର୍ କାର୍ଯ୍ୟକ୍ଷମ ପାଇଁ ନିଅଣ୍ଟ ହେଉଥିବା ବିଦ୍ୟୁତ୍ ଗ୍ରୀଡ୍ ଠାରୁ କିଣିବାକୁ ବାଧ ହେଉଛି। ନାଲ୍କୋ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଅବା ଅବହେଳା ପାଇଁ ଏପରି ହେଉଛି। ପୂର୍ବରୁ ବ୍ୟବହାର ହେଉଥିବା ଆଶ୍‌ପଣ୍ଡକୁ ଖାଲି କରି ଜରୁରୀ ଭାବେ ବ୍ୟବହାର କରାଯାଇ ପାରିଥାନ୍ତା। ଏଥିସହ କ୍ଷତିଗ୍ରସ୍ତ ପ୍ରଜାସଂଘ ଓ ଜିଲା ପ୍ରଶାସନ ସହ ମିଶି ଆଲୋଚନା କରି ସମସ୍ୟାର ସମାଧାନ କରାଯାଇ ପାରିଥାନ୍ତା। କିନ୍ତୁ ନାଲ୍କୋ ପ୍ରଶାସନର ଖାମଖିଆଲି ନୀତି ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ସହସ୍ରାଧିକ ଶ୍ରମିକ କାର୍ଯ୍ୟ ହରାଇବାର ସମ୍ଭାବନା ଦେଖାଦେଇଛି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ନାଲ୍କୋ ନନ୍ ଏକ୍ସକ୍ୟୁଟିଭ ଏମ୍ପ୍ଲୋଇଜ ୟୁନିୟନ ସାଧାରଣ ସମ୍ପାଦକ ରତ୍ନାକର ପରିଡା ଦାବି କରିଛନ୍ତି।

## ଉପଜିଲାପାଳଙ୍କ ବିଦ୍ୟାଳୟ ପରିଦର୍ଶନ

ପାଲଲହଡା,୨୫।୭ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଉପଜିଲାପାଳ ସୁଶାନ୍ତ ପତି ମଙ୍ଗଳବାର ଉପଖଣ୍ଡସ୍ଥିତ ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ମହତାବ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ପାଠପଢା ଦେଖିଥିଲେ। ୫-ଟିରେ ରୂପାନ୍ତରିତ ମହତାବ ଉଚ୍ଚ ବିଦ୍ୟାଳୟରେ ପାଠପଢାର ମାନ ପରଖିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିଥିଲେ। ବିଦ୍ୟାଳୟରେ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ବିଦ୍ୟାଳୟ ପରିବେଶ ଶାନ୍ତ ସରଳ ଥିବାରୁ ଉପଜିଲାପାଳ ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକ ଟଙ୍କଧର ପ୍ରଧାନଙ୍କ ସହିତ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଉପଜିଲାପାଳ ଆଲୋଚନା କରିଥିଲେ।

## ଦୃଢ଼ ବିରୋଧ, ପ୍ରତିବାଦ ସଭା

ନାଲ୍କୋ ସିପିପି ବନ୍ଦ ପ୍ରସ୍ତାବ



ନାଲ୍କୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ପ୍ରତିବାଦ କରାଯାଉଛି।

ବଣ୍ଡଁରପାଳ,୨୫।୭(ଉପେନ୍ଦ୍ର ରାଉତ)

ନାଲ୍କୋ ସିପିପି ପ୍ଲାଣ୍ଟକୁ ବନ୍ଦ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ଦେଇଥିବା ପ୍ରସ୍ତାବକୁ ନାଲ୍କୋ ଶ୍ରମିକ କଂଗ୍ରେସ ୟୁନିୟନ ଘୋର ବିରୋଧ କରିଛି। ମଙ୍ଗଳବାର ସିପିପି ଗୋଲେଇ ଛକଠାରେ ୟୁନିୟନ ପକ୍ଷରୁ ପ୍ରତିବାଦ ସଭା ସାଧାରଣ ସମ୍ପାଦକ ବିଭବ ଜେନାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଏଥିରେ ସମ୍ପାଦକ ଜେନା କହିଥିଲେ, ତାଳଚେରର ଭରତପୁର ଠାରେ ଖାଲିଥିବା ଖଣିରେ ୬ ବର୍ଷ ପର୍ଯ୍ୟନ୍ତ ନାଲ୍କୋରୁ ନିର୍ଗତ ପାଉଁଶ ପାଇପ ଲାଇନ ମାଧ୍ୟମରେ ପକାଯିବା ବୋଲି ନାଲ୍କୋ ଓ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତିନାମା ହୋଇଥିଲା। କିନ୍ତୁ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଧର୍ମଘଟ ଯୋଗୁ ଗତ ୧୩ ତାରିଖରୁ ଏହି ପାଇପ୍ ଲାଇନ ଦେଇ ପାଉଁଶ ନିଷ୍କାସନ ବନ୍ଦ ରହିଛି। ଫଳରେ ସିପିପିର ୧୦ ୟୁନିଟ୍‌ରୁ ୫ଟି ବନ୍ଦ ରହିଛି। ଏଥିଯୋଗୁ ଦୈନିକ ୩୨୦ ମେଗାୱାଟ ବିଦ୍ୟୁତ୍ ନାଲ୍କୋକୁ କିଣିବାକୁ ପଡୁଛି। ପାଉଁଶ ନିଷ୍କାସନ ପାଇଁ ନାଲ୍କୋ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କଲେ ସିପିପିକୁ ବନ୍ଦ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ନିନ୍ଦନୀୟ। କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ନାଲ୍କୋ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ଏହି ପ୍ରତିବାଦ ସଭାରେ ସନ୍ତୋଷ ରାଉତ, ହେମନ୍ତ ପ୍ରଧାନ, ଅଶୋକ ବେହେରା, ପ୍ରଣବ ଜେନା, ଆର୍‌କେ ସିଂ, ନିରି ଦେହୁରୀ, ଗାନ୍ଧାରୀ ମାରାଣ୍ଡି, ପ୍ରତାପ ସାହୁ, ଦୀପକ ସନ୍ତ୍ରା, ହରେକୃଷ୍ଣ ନାଥ, ଶୁଭ୍ରାଂଶୁ ବେହେରା, ସରୋଜ ବେହେରା, ଯଜ୍ଞେଶ୍ୱର ନାୟକ, ପଙ୍କଜ ମହାରଣା, ଦୀନବନ୍ଧୁ ମିଶ୍ର, ବିଦେଶୀ ଦେହୁରୀ, ନାଗେଶର ବେହେରା, ନବ ଦେହୁରୀ,ତ୍ରିନାଥ ମହାପାତ୍ର, ଗୋପାଳ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଏମ୍‌ପି

ବଣ୍ଡଁରପାଳ,୨୫।୭ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲାରେ ଥିବା ନାଲ୍କୋର କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ସମାଧାନ ପାଇଁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଏମ୍‌ପି ଦର୍ଶାଇଛନ୍ତି, ଭାରତ ସରକାର ନାଲ୍କୋ ମାଧ୍ୟମରେ ବର୍ଷକୁ ସହସ୍ର କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜା ନିଜ ଭିଟାମାଟି, ଜମିବାଡି ହରାଇ ଅବହେଳିତ ହୋଇ ବାର ଦୁଆର ଶୁଙ୍ଘିପିଣ୍ଡା ହେଉଛି। ତେଣୁ ନାଲ୍କୋ କ୍ଷତିଗ୍ରସ୍ତମାନେ କିପରି ନିଜର ମୌଳିକ ଅଧିକାର ପାଇପାରିବ ସେ ନେଇ ଏମ୍‌ପି ଦାବି ଉପସ୍ଥାପନ କରିଥିଲେ। ଦାବିପତ୍ର ଗ୍ରହଣ କରିବା ସହ କେନ୍ଦ୍ରମନ୍ତ୍ରୀ ଜୋଷୀ ଏ ବିଷୟରେ ଅବଗତ ଥିବା କହିବା ସହ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଏମ୍‌ପି।

## ଜଗନ୍ନାଥ ଯୋଜନା କମିଟି ସଦସ୍ୟ

ତାଳଚେର,୨୫।୭(ମନୋଜ ନନ୍ଦ)

ଅନୁଗୋଳ ଜିଲା ଯୋଜନା କମିଟି ସଦସ୍ୟ ନିର୍ବାଚନ ମଙ୍ଗଳବାର ଅନୁଗୋଳସ୍ଥିତ ଯୋଜନା କମିଟି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଜି ନିର୍ବାଚନରେ ଅନୁଗୋଳ, ତାଳଚେର ପୌରପରିଷଦ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳର କାଉନସିଲର ଏବଂ ପୌରାଧକ୍ଷମାନେ ଅଂଶଗ୍ରହଣ କରିଥିଲେ। ତେବେ ତାଳଚେର ପୌର ପରିଷଦ ୪ ନମ୍ବର ୱାର୍ଡର ବିଜେଡି କାଉନସିଲର ଜଗନ୍ନାଥ ଗଡନାୟକ ଯୋଜନା କମିଟି ସଦସ୍ୟ ଭାବେ ବିଜୟୀ ହୋଇଥିଲା ବେଳେ ଅନୁଗୋଳ ପୌର ପରିଷଦ ୨ ନମ୍ବର ୱାର୍ଡର ବିଜେଡି କାଉନସିଲର ଉଷା ସାମଲ ମଧ୍ୟ ବିଜୟୀ ହୋଇଛନ୍ତି। ବିଜୟୀ ହେବା ପରେ ଗଡ଼ନାୟକ ତାଙ୍କୁ ସମର୍ଥନ ଦେଇଥିବା କାଉନସିଲରମାନଙ୍କୁ ଧନ୍ୟବାଦ ଦେବା ସହ ଜିଲାର ବିକାଶ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।



ଜଗନ୍ନାଥ ଗଡନାୟକ

## କାରଖାନାରୁ ଯନ୍ତ୍ରାଂଶ ଚୋରି

ଛେଣ୍ଡିପଦା,୨୫।୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ କାରଖାନାରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ଯନ୍ତ୍ରାଂଶ ଚୋରି କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କାରଖାନାର ମୁଖ୍ୟ ସୁରକ୍ଷା କର୍ମଚାରୀ ରାଜୁ କୁମାର ସାହୁ କାର୍ଯ୍ୟରତ ଥିବା ବେଳେ ଭୋର୍ ୪ଟା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହିତ କାରଖାନାର ଗୋଟିଏ ୟୁପିଏସ୍, ୩୦ ମିଟର କେବୁଲ, ୭ରୁ ୧୦ ଖଣ୍ଡ ଲୁହା ପ୍ଲେଟ ଓ ୧୦ କେଜିର ତମ୍ବା ପ୍ଲେଟ ନେଇ ପଳାଇ ଯାଇଥିଲେ। ସୁରକ୍ଷା କର୍ମଚାରୀ ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୨୯/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ସଙ୍ଗଠନ ସୁଦୃଢ଼ ପାଇଁ ଏକତ୍ରିତ ହୁଅ



ବୈଠକରେ ଉପସ୍ଥିତ ଭାଜପା ନେତାମାନେ।

ମାଧପୁର,୨୫।୭(ମନୋଜ ପ୍ରଧାନ)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ମଙ୍ଗଳବାର ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ବେଲପୁଞ୍ଜି ମଠ ଠାରେ ମାଧପୁର ଭାଜପା ମଣ୍ଡଳ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ରହ୍ମଚାରୀ ଅଭୟ ଚୈତନ୍ୟ ମହାରାଜ ଯୋଗଦେଇ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଏକତ୍ରିତ ହେବା ସହ ଲଢେଇ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମାଧପୁର ମଣ୍ଡଳର ବରିଷ୍ଠ ସଦସ୍ୟ ଅଲେଖ ଭୋଇ, ଅମ୍ବିକା ପ୍ରସାଦ ଦେହୁରୀ, ସୌମ୍ୟରଞ୍ଜନ ମହାନ୍ତି, ରମେଶ ପ୍ରଧାନ, ଅନ୍ତର୍ଯ୍ୟାମୀ ମହାଖୁଡ, ପ୍ରଦୀପ ପ୍ରଧାନ, କୁନା ଖେତି, ବୈଷ୍ଣବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦାବିପତ୍ର ପ୍ରତିଦ୍ୱନ୍ଦ୍ୱିତାରେ ଦାୟିତ୍ୱ ଶେଷ'

ତାଳଚେର,୨୫।୭(ମନୋଜ ନନ୍ଦ)

ତାଳଚେରର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ ଶାସକ ଓ ବିରୋଧୀ ନେତା କେବଳ ଦାବିପତ୍ର ପ୍ରତିଦ୍ୱନ୍ଦ୍ୱିତାରେ ନିଜ ଦାୟିତ୍ୱ ଶେଷ କରିଦେଉଥିବା ତାଳଚେର ଜନବିକାଶ କଲ୍ୟାଣ ସଂଘ ସଭାପତି ଭୂପେନ ଥମ୍ବ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଥମ୍ବ କହିଛନ୍ତି, ତୃଣମୂଳସ୍ତରରେ ଲୋକ ଭୋଗୁଥିବା ସମସ୍ୟାକୁ ନେଇ ସଚେତନ ନାଗରିକ, ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। କିନ୍ତୁ ଏହି ପ୍ରସଙ୍ଗକୁ ଶାସକ ଓ ବିରୋଧୀ ଦଳ ସ୍ଥାନୀୟ ନେତୃବୃନ୍ଦ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଭାବେ ଉଠାଇବା ପରିବର୍ତ୍ତେ ଦାବିପତ୍ର ଏବଂ ଫଳକ ରାଜନୀତି କରି ତାଳଚେର ଜନସାଧାରଣଙ୍କ ଆସ୍ଥାକୁ କୁଠାରାଘାତ କରୁଛନ୍ତି ।

## ଧୁମଧାମରେ ପାଳନ ହେବ ଜାତୀୟ ଦିବସ



ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କମିଟି କର୍ମକର୍ତ୍ତାମାନେ।

ପାଲଲହଡ଼ା,୨୫।୭ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ଉପଜଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସ୍ଥାୟୀ ସଭାପତି ତଥା ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ଦିଲୀପ କୁମାର ବାଡା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କମିଟି ସଭ୍ୟାସଭ୍ୟ ଯୋଗଦେଇଥିଲେ। କମିଟି ସମ୍ପାଦକ ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ଆୟବ୍ୟୟ ହିସାବ ଦେଇଥିଲେ। ଜାତୀୟ ଦିବସକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଏଥିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତହସିଲଦାର ଲମ୍ବୋଦର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତରୁଣକାନ୍ତି ପ୍ରଧାନ ବୈଠକ ପରିଚାଳନା କରିଥିବା ବେଳେ ବିଭାଗର କର୍ମଚାରୀ ହରିହର ବେହେରା ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୨୫।୭(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା ଅବଳା ବେହେରା (୯୭)ଙ୍କ ମଙ୍ଗଳବାର ତାଙ୍କ ବାସଭବନ ଠାରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲେ ଅସୁସ୍ଥ ଥିଲେ। ଏହି ଖବର ଜଣାପଡ଼ିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଅବଳା ବେହେରା

## ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ସରକାରୀ ଔଷଧ

### ଜିଲାପାଳଙ୍କଠାରେ ଅଭିଯୋଗ

ବଇଣ୍ଡା,୨୫।୭(ପରିକ୍ଷିତ ସାହୁ)

ଅନୁଗୋଳଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ନିଃଶୁଳ୍କ ଔଷଧ ମିଳୁନାହିଁ। ଫଳରେ ପାଇକସାହି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ପାଇକସାହି ଗ୍ରାମବାସୀ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଇକସାହି, ସାପଘରା, ଟାପଢୋଲ, କନ୍ତପଡା ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ନିର୍ଭରଶୀଳ। ବିଶେଷକରି ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଅନେକ ରୋଗୀ ପ୍ରତ୍ୟେକ ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସରକାରୀ ଔଷଧ ପ୍ରଦାନ କରା ନ ଯାଇ ବାହାରୁ କିଣିନେବାକୁ ପରାମର୍ଶ ଦିଆଯାଉଛି। ଏପରିକି କେତେକ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଡାକ୍ତରଖାନା ଆସୁଥିବା ରୋଗୀଙ୍କୁ ସରକାରୀ ଇଞ୍ଜେକଶନ ଓ ଔଷଧ ଦିଆଯାଉ ନ ଥିବା ରାଇନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମେଡିକାଲକୁ ସରକାର ପ୍ରଦାନ କରୁଥିବା ଔଷଧ ରୋଗୀଙ୍କୁ ଦିଆଯାଉ ନ ଥିବା ବେଳେ ଅନେକ ସମୟରେ ଏକ୍ସପାରି କରି ଫେରାଇ ଦେବା ଓ ପୋଡି ଦିଆଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ପ୍ରସବ ନିମନ୍ତେ ଆସୁଥିବା ଗର୍ଭବତୀଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁନୀଲ ପଣ୍ଡା କହିଛନ୍ତି, ଅଭିଯୋଗର ତଦନ୍ତ କରାଯିବ।




## ୭୭ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ପିଟିସି ପଡ଼ିଆରେ ହେବ ପାଳନ

ଅନୁଗୋଳ,୨୫।୭ (ଅମିତ କୁମାର ସାମଲ)

ଚଳିତବର୍ଷ ଜିଲାସ୍ତରୀୟ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରାଯିବ। ମଙ୍ଗଳବାର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଚଳିତବର୍ଷ ପିଟିସି ପଡିଆ ଠାରେ ଅଭ୍ୟାସ ପରେଡ ସମେତ ମୁଖ୍ୟ ଉତ୍ସବ ପାଳନ କରାଯିବ। ଏ ସମ୍ପର୍କରେ ପଦକ୍ଷେପ ନେବାକୁ ପୋଲିସ ଟ୍ରେନିଂ କଲେଜ ଅଧକ୍ଷଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସ୍ୱାଧୀନତା ଦିବସ ପ୍ରତ୍ୟୁଷରୁ ରାମଧୁନ ପରିବେଷଣ କରାଯିବ। ପ୍ରଭାତ ଫେରି ପରେ ସକାଳ ୭ଟା ୩୦ରେ ସହରର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୧୫ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହାପୂର୍ବରୁ ଅଗଷ୍ଟ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ। ଉତ୍ସବ ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ଜିଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଉତ୍ସବ ଦିବସ ସହ ଜଡିତ ବିଭିନ୍ନ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଶିଳ୍ପ ସଂସ୍ଥାଗୁଡ଼ିକର ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଶୁଭମ୍ ଜିଲା ଯୁବ କଂଗ୍ରେସ ସଭାପତି



ଢେଙ୍କାନାଳ, ୨୫।୭(ରତନ ନାୟାର)

ଅଖିଳ ଭାରତ ଯୁବ କଂଗ୍ରେସ ତରଫରୁ ଦେଶବ୍ୟାପୀ ଜିଲା ଯୁବ କଂଗ୍ରେସ ସଭାପତି ନିର୍ବାଚନ ଅନୁଷ୍ଠିତ ହେଉଛି। ଢେଙ୍କାନାଳ ଜିଲାର ଶୁଭମ୍ ଦାସ ଏହିପଦବୀରେ ନିର୍ବାଚିତ ହୋଇଛି। ତାଙ୍କ ସପକ୍ଷରେ ୧୦୮୪ ଖଣ୍ଡ ଭୋଟ୍ ପଡ଼ିଥିଲା। ଜିଲା ସଭାପତି ସରୋଜ ପଟ୍ଟନାୟକ, ଅନ୍ୟ ବରିଷ୍ଠ ନେତାମାନେ ଏଥି ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଆଗାମୀ ଦିନରେ କଂଗ୍ରେସ ଯୁବ ନେତୃତ୍ୱ ସୁଦୃଢ଼ ହେବ ବୋଲି ସେ ଆଶା ରଖିଛନ୍ତି। ଏଥି ପୂର୍ବରୁ ଶୁଭମ୍ ଜିଲା ଛାତ୍ର କଂଗ୍ରେସ ସଭାପତି ପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି।

# ନିଷ୍ପତ୍ତିକୁ ଅଣଦେଖା କରୁଛି ଏନ୍‌ଏଚ୍‌ଏଆଇ

ଢେଙ୍କାନାଳ, ୨୫।୭(ରତନ ନାୟାର)

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପ୍ରଶାସନର ନିଷ୍ପତ୍ତିକୁ ଅଣଦେଖା କରିଚାଲିଛନ୍ତି। ଫଳରେ ମରଣଯନ୍ତା ପାଲଟିଥିବା ଢେଙ୍କାନାଳ ଜିଲାର ୫୫ ଏବଂ ୫୩ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଗତ ୬ ମାସ ମଧ୍ୟରେ ୧୦୩ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୁର୍ଘଟଣା ରୋକିବା ନିମନ୍ତେ ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିକୁ ପାଳନ କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୨ ଜାନୁୟାରୀରୁ ଜୁନ୍ ମଧ୍ୟରେ ଜିଲାରେ ସଡ଼କ ଦୁର୍ଘଟଣାରେ ୧୦୧ ଜୀବନ ଯାଇଥିଲା। ୨୦୨୩ ବର୍ଷରେ ସମାନ ସମୟରେ ଏହି ସଂଖ୍ୟା ୧୦୩ରେ ପହଞ୍ଚିଲାଣି। ଓଭରଲୋଡିଂ, ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତ ହୋଇ ଯାନବାହନ ଚଳାଇବା, ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା, କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ଦୁର୍ଘଟଣାର



ପଞ୍ଚୁପଟିଠାରେ ଅଧାପନ୍ତରିଆ ଅବସ୍ଥାରେ ଥିବା ବ୍ରିଜ୍।

■ ଏନ୍‌ଏଚ୍ ମୁହାଁ ସ୍କୁଲର ପ୍ରବେଶ ପଥ ହଟିବ
■ ବଢୁଛି ଦୁର୍ଘଟଣା, ୬ ମାସରେ ୧୦୩ ମୃତ

ପ୍ରମୁଖ କାରଣ ବୋଲି କୁହାଯାଇଛି। ଅନ୍ୟପଟେ ଏଭଳି ଟ୍ରାଫିକ୍ ନିୟମ ଭଙ୍ଗ କରୁଥିବା ୧୮୨୭ ବେପରୁଆ ଗାଡ଼ିଚାଳକଙ୍କ ଲାଇସେନ୍ସ ୩ ମାସ ପାଇଁ ରଦ୍ଦ କରାଯାଇଛି। ୨୬ ଜଣ ନାବାଳକ ଗାଡ଼ିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜାତୀୟ ରାଜପଥ ଆଡ଼କୁ ମୁହଁ କରିଥିବା ଶିକ୍ଷାନୁଷ୍ଠାନ ଆଖପାଖ ଅଞ୍ଚଳରେ ଦୁର୍ଘଟଣା ଏଡ଼ାଇବାକୁ ସ୍କୁଲର ପ୍ରବେଶ ପଥ ପରିବର୍ତ୍ତନ ହେବ। ଏ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

୫୫ନଂ. ଜାତୀୟ ରାଜପଥର କାମ ଚାଲିଥିବା ସ୍ଥାନ, ଦୁର୍ଘଟଣାପ୍ରବଣ ଅଞ୍ଚଳ, ପ୍ରମୁଖ ଛକ, ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଛକରେ ଗାଡ଼ି ଚାଳକଙ୍କୁ ସଚେତନ କରାଇବା ପାଇଁ ସାଇନେଜ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବିଫଳ ହୋଇଥିବାରୁ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ଜିଲାପାଳ ତାଗିଦା କରିଛନ୍ତି। ଏଥିସହ ଅଧାପନ୍ତରିଆ ଅବସ୍ଥାରେ ଥିବା ୫୫ନଂ. ଏନ୍‌ଏଚ୍‌ରେ ବ୍ରିଜ୍, ଫ୍ଲାଏଓଭର ନିର୍ମାଣ ଶୀଘ୍ର ସାରିବା ଲାଗି ପରାମର୍ଶ ଦିଆଯାଇଛି। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ରହୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବୈଠକରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ଇଞ୍ଜିନିୟର ଏବଂ ସଡ଼କ ସୁରକ୍ଷା କମିଟି ସଭ୍ୟ ଉପସ୍ଥିତ ଥିଲେ।

## ସଜଡ଼ାଯିବ ଟ୍ରାଫିକ୍ ବ୍ୟବସ୍ଥା

ଢେଙ୍କାନାଳ ସହରରେ ଅସଜଡ଼ା ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପୌରାଞ୍ଚଳର ୪ ପ୍ରମୁଖ ସ୍ଥାନରେ ଭୁବନେଶ୍ୱର ଅନୁରୂପ ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯିବ। ଏଥିଲାଗି ପ୍ରଶାସନ ପକ୍ଷରୁ ପୋଲିସ ବିଭାଗକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯିବା ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। ଟ୍ରାଫିକ୍ ସଚେତନତା ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ପୋଲିସ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ଟ୍ରାଫିକ୍ ପରିଚାଳନା ଲାଗି ଖୁବ୍‌ଶୀଘ୍ର ତାଲିମପ୍ରାପ୍ତ ପୋଲିସଙ୍କୁ ନିୟୋଜିତ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଖୁବ୍‌ଶୀଘ୍ର ସହରରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କରାଯିବ ବୋଲି ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି।

## ଧରାପଡୁନାହାନ୍ତି ଆକ୍ରମଣକାରୀ

ଢେଙ୍କାନାଳ, ୨୫।୭(ରତନ ନାୟାର)

ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଧୀନ ଗଦାଶିଳା ଗ୍ରାମରେ ବରିଷ୍ଠ ନାଗରିକ ନୃସିଂହ ଚରଣ ସାହୁ (୭୨) ଗତ ଜୁଲାଇ ୧୮ରେ ଆକ୍ରମଣର ଶିକାର ହୋଇଥିଲେ। ବଡ଼ବଉଳପୁରର ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ସଦର ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାର ୭ଦିନ ପରେ ବି ଆକ୍ରମଣକାରୀ ଗିରଫ ହୋଇନାହାନ୍ତି। ଅଭିଯୁକ୍ତ ଖୋଲାରେ ବୁଲୁଥିବାବେଳେ ସେମାନଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ସୂଚନାଯୋଗ୍ୟ, ନୃସିଂହ ଚରଣ ଏବଂ ଗ୍ରାମର ତ୍ରିଲୋଚନ ନାୟକ କଥା ହେଉଥିଲେ। ଏହି ସମୟରେ ଅଭିଯୁକ୍ତ ହଠାତ୍ ତ୍ରିଲୋଚନଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ନୃସିଂହ ଚରଣ ମଧ୍ୟ ଆକ୍ରୋଶର ଶିକାର ହୋଇଥିଲେ। ଥାନାରେ ଏତଲା ଦିଆଯିବା ପରେ ଅଭିଯୁକ୍ତମାନେ ଫୋନ୍‌ରେ ଧମକ ଦେଉଥିବା ନୃସିଂହ ଚରଣ କହିଛନ୍ତି।

# ଜିଲାକୁ ଗର୍ବିତ କରିଛନ୍ତି ହୃଦାନନ୍ଦ



ହୃଦାନନ୍ଦଙ୍କୁ ଜିଲାପାଳ ଓ କ୍ରୀଡ଼ାବିତ୍‌ମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କାନାଳ,୨୫।୭(ରତନ ନାୟାର

### ୟୁଥ୍ କମନ୍‌ୱେଲ୍‌ଥ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ୟୁଥ୍ କମନ୍‌ୱେଲ୍‌ଥ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟର ଗୌରବ ବଢ଼ାଇଥିବା ଢେଙ୍କାନାଳ ମାଟିର ପୁଅ ହୃଦାନନ୍ଦ ଦାସଙ୍କୁ ମଙ୍ଗଳବାର ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ପୂର୍ବାହ୍ନ ୯ଟାରେ ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ହୃଦାନନ୍ଦ ମାଲ୍ୟାର୍ପଣ କରିଥିଲେ। ସେଠାରୁ କ୍ରୀଡ଼ା ସଙ୍ଗଠନର କର୍ମକର୍ତ୍ତା, କ୍ରୀଡାବିତ୍, କ୍ରୀଡ଼ାପ୍ରେମୀ, ସହରବାସୀଙ୍କ ଗହଣରେ ସେ ନଗର ପରିକ୍ରମା କରି ଜିଲା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ସରୋଜ କୁମାର ସେଠୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହୃଦାନନ୍ଦ ଜିଲାକୁ ଗର୍ବିତ କରିଛନ୍ତି। ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଜିଲାପାଳ କହିଥିଲେ। ଏଥିସହ ଆଗାମୀ ୟୁଥ୍ ଅଲିମ୍ପିକ୍ସ ଓ ଏସିଆନ ଗେମ୍ସରେ ତାଙ୍କର ସଫଳତା କାମନା କରିଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିରଞ୍ଜନ ପରିଡା, ହୃଦାନନ୍ଦଙ୍କ କୋଚ୍ ଗୋପାଳକୃଷ୍ଣ ଦାସ, ମହିଳା ହକି କୋଚ୍ ଫ୍ଲୋରେନ୍ସିଆ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କୁରୁଣିଆ ସାହିର ଅଟୋରିକ୍ସା ଚାଳକ ହରିହର ଦାସ ଏବଂ ମା' ଗୋଲାପ ଦାସଙ୍କ ପୁଅ ହେଉଛନ୍ତି ହୃଦାନନ୍ଦ। ଗତ ଜୁଲାଇ ୧୧ରୁ ୧୬ ତାରିଖ ଯାଏ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାରେ ଚାଲିଥିବା ୟୁଥ୍ କମନୱେଲଥ୍ ଭାରୋତ୍ତୋଳନ ପ୍ରତିଯୋଗିତାର ୭୩ କେ.ଜି. ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ଢେଙ୍କାନାଳସ୍ଥିତ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।

## ପୋଖରୀରେ ବୁଡ଼ି ଚାଷୀ ମୃତ

ଭୁବନ, ୨୫।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୫ନଂ. ୱାର୍ଡର ଖମରି ଦାସ (୪୫)ଙ୍କ ମଙ୍ଗଳବାର ଗୋଡ଼ିପୋଖରୀ ବୁଡ଼ି ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ଚାଷ କାର୍ଯ୍ୟ ସାରି ଶୌଚ ହେବା ଲାଗି ଯାଇଥିବାବେଳେ ଏହି ଅଘଟଣ ଘଟିଥିବା ପରିବାର ଲୋକେ କହିଛନ୍ତି। ସନ୍ଧ୍ୟାରେ ଗ୍ରାମର ଜଣେ ଯୁବକ ପୋଖରୀକୁ ଯାଇଥିବା ବେଳେ ଖମରିଙ୍କ ମୃତଦେହ ତାଙ୍କ ଗୋଡ଼ରେ ବାଜିଥିଲା। ସେ ତାଙ୍କୁ ପାଣିରୁ ବାହାର କରିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଖମରିଙ୍କ ମୃତ୍ୟୁରେ ପରିବାର ସଦସ୍ୟ ମ୍ରିୟମାଣ ହୋଇପଡ଼ିଛନ୍ତି। ତାଙ୍କର ଦୁଇ ଝିଅପୁଅ ଏବଂ ସ୍ତ୍ରୀ ଥିବାବେଳେ ଖମରି ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ।

## ପୂର୍ବଶତ୍ରୁତାରୁ ଆକ୍ରମଣ, ୨ ଗୁରୁତର

ଢେଙ୍କାନାଳ, ୨୫।୭(ରତନ ନାୟାର)

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଦଶମାଣପାଟଣା ଗ୍ରାମରେ ସୋମବାର ପୂର୍ବଶତ୍ରୁତାକୁ କେନ୍ଦ୍ରକରି ରକ୍ତାକ୍ତ ସଂଘର୍ଷ ଘଟିଛି। ପରସ୍ପରକୁ ଆକ୍ରମଣ କରି ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିପିନ ନାୟକ ଓ ଧର୍ମାନନ୍ଦ ନାୟକ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଧର୍ମାନନ୍ଦଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ଦୁଇଟି ପୃଥକ୍ ମାମଲା (ନଂ. ୧୪୫/୨୩ ଓ ୧୪୬/୨୩) ରୁଜୁ କରାଯାଇଥିବା ଥାନାଧିକାରୀ କାଶୀନାଥ ହାଁସଦା ସୂଚନା ଦେଇଛନ୍ତି।

# ଗୋରୁପଲ କବ୍‌ଜାରେ ବସ୍‌ଷ୍ଟାଣ୍ଡ



ଇନ୍ଦିପୁର ବସ୍‌ଷ୍ଟାଣ୍ଡରେ ଗୋରୁପଲ।

ଢେଙ୍କାନାଳ, ୨୫।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ବସ୍‌ଷ୍ଟାଣ୍ଡ ଏବେ ଗୋରୁପଲ କବ୍‌ଜାରେ। ପଞ୍ଚାୟତ ପକ୍ଷରୁ ବୁଲା ଗୋରୁଙ୍କୁ ନିୟନ୍ତ୍ରଣ କରାଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହାଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ହିନସ୍ତା ହେଉଛନ୍ତି। ଅଞ୍ଚଳର ଗୋ-ପାଳକମାନେ କ୍ଷୀର ଦୁହିଁ ସାରିବା ପରେ ଗାଈ, ବାଛୁରିଙ୍କୁ ଖୋଲାରେ ଛାଡ଼ି ଦେଉଛନ୍ତି। ସେମାନେ ବସ୍‌ଷ୍ଟାଣ୍ଡ ପରିସରରେ ଆସି ଦଳବଦ୍ଧ ଭାବେ ରହୁଛନ୍ତି। ଫଳରେ ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଗୋରୁପଲ ପରିବା ଦୋକାନୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛନ୍ତି। ସାମାନ୍ୟ ଅନ୍ୟମନସ୍କ ହେଲେ ଡାଲାରୁ ପରିବା ଖାଇଯିବା ସହ ନଷ୍ଟ କରିଦେଉଛନ୍ତି। ଠେଲାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅନୁରୂପ ସମସ୍ୟା ଭୋଗୁଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେବାକୁ ଗୁପ୍‌ଚୁପ୍ ବ୍ୟବସାୟୀ ନରେନ୍ଦ୍ର ସାହୁ, ଚାଟ୍ ବ୍ୟବସାୟୀ ନରୋତ୍ତମ ରାଉତ, ଜଳଖିଆ ଦୋକାନୀ ବିଶ୍ୱଜିତ ସେନାପତି ଦାବି କରିଛନ୍ତି।

## ୨ ବଖରା ଜଳିଗଲା

ପରଜଙ୍ଗ, ୨୫।୭
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ୨ନଂ. କଲୋନିରେ ମଙ୍ଗଳବାର ସକାଳେ ଅଗ୍ନିକାଣ୍ଡ ଘଟି ନବୀନ ନାଏକଙ୍କ ୨ ବଖରା ଘର ଛାରଖାର ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ

ଢେଙ୍କାନାଳ, ୨୫।୭(ରତନ ନାୟାର)

ଢେଙ୍କାନାଳରେ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ।

ଜାତୀୟ ଦିବସ ଉପଲକ୍ଷେ ସକାଳ ୯ଟା ୧୫ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ମିଳିତ ପରେଡ୍‌ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପରେଡ୍ ଦଳ, ପୋଲିସ, ପୋଲିସ ବ୍ୟାଣ୍ଡ୍ ଓ ଓଏସ୍‌ଏପି ପ୍ରଥମ ବାଟାଲିୟନର ଯବାନ ଅଂଶଗ୍ରହଣ କରିବେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ ଓ ରୋପଣ କରାଯିବ। ଏଥିପୂର୍ବରୁ ୧୪ ତାରିଖରେ ମାରାଥନ ଦୌଡ଼ ଅନୁଷ୍ଠିତ ହେବ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଢେଙ୍କାନାଳ କଲେଜରେ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ସରକାରୀ ମହିଳା କଲେଜଠାରେ ମହାବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଷ୍ଟାଡିୟମରେ ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦିବସ ପାଳନ ଅବସରରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟ ପ୍ରତିଷ୍ଠାନରେ ଆଲୋକ ସାଜସଜ୍ଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

## ଢେଙ୍କାନାଳରେ ମଣିପୁର ତାତି

# ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଏଏପି

ଢେଙ୍କାନାଳ, ୨୫।୭(ରତନ ନାୟାର)

ସଂରକ୍ଷଣକୁ ନେଇ ମଣିପୁରରେ ଜାରି ରହିଥିବା ହିଂସା ଏବଂ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାର ପ୍ରତିବାଦ କରିଛି ଢେଙ୍କାନାଳ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଦଳୀୟ କର୍ମକର୍ତ୍ତାମାନେ ଏକାଠି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ତଫା ଦାବି କରିଥିଲେ।

ଜିଲା ଆବାହକ ପଙ୍କଜ ନାୟକ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ମଣିପୁର ହିଂସା ବେଳେ ପ୍ରଧାନମନ୍ତ୍ରୀ ବିଦେଶ ଭ୍ରମଣ କରୁଥିଲେ। ନିର୍ବାଚନୀ ସଭାରେ ଭାଷଣ ଦେଉଥିଲେ। ମଣିପୁରରେ ମହିଳାଙ୍କ ଉଲଗ୍ନ ପରେଡ ଭାରତର ଛବିକୁ ବିଶ୍ୱ ଦରବାରରେ ମଳିନ କରିଛି। 'ବେଟି ପଢ଼ଆ, ବେଟି ବଞ୍ଚାଅ' ନାରା ଦେଇଥିବା ପ୍ରଧାନମନ୍ତ୍ରୀ ଏବଂ ସୌରାଷ୍ଟ୍ର ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦବୀ ତ୍ୟାଗ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଢେଙ୍କାନାଳ ଜିଲା ଲେଥକା ପଞ୍ଚାୟତ ଧନାବଳକାଟେଣୀ ଗ୍ରାମରେ ଦଳିତ ମହିଳାଙ୍କୁ ନିର୍ଯାତନା ଦିଆଯାଉଛି, ଯାହାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଜିଲା ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା, ବିକ୍ରମ ରାଉତ, ବିଭୂରଞ୍ଜନ ସାହୁ, ଜିଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ପଣ୍ଡା, ସମ୍ପାଦକ ବିଧୁରଞ୍ଜନ ନାୟକ, ଚିନ୍ମୟ ସେନାପତି, ଶଙ୍କର୍ଷଣ ଦଳାଇ, ଜିତେନ୍ଦ୍ର ବେହେରା, କ୍ୟାରୋଲିନ୍ ପାଳ, ସ୍ୱର୍ଣ୍ଣମୟୀ ସ୍ୱାଇଁ, ରଚିତା ନାଏକ, ଯୁବ ସଭାପତି ଅଶ୍ୱିନୀ ପଟ୍ଟନାୟକ, ରଜନୀ ନାୟକ, ସଂଯୁକ୍ତା ମହାପାତ୍ର ପ୍ରମୁଖ ଅଭିଭାଷଣ ରଖି କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ। ସୁଚିତ୍ରା ନାୟକ, ସୁଜାତା ମହାପାତ୍ର, କମିଳିନୀ ନାୟକ, ଭାରତୀ ସାମଲ, ମମତା ସାମଲ, ରଶ୍ମିତା ସାମଲ, ସନ୍ତୋଷ ଖୁଣ୍ଟିଆ, ରଜତ ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




ବିକ୍ଷୋଭରେ ସାମିଲ ହୋଇଥିବା ଏଏପି କର୍ମକର୍ତ୍ତାବୃନ୍ଦ।

**ସଂକ୍ଷେପରେ**

## ୨ ପରିବାର ମଧ୍ୟରେ ମାରପିଟ

ଛେଣ୍ଡିପଦା,୨୫ା୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କରଡାବାହାଲ ଗ୍ରାମରେ ୨ ପରିବାର ମଧ୍ୟରେ ଗୋବର ପାଣି ଛାଡିବାକୁ ନେଇ ମାରପିଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କରଡାବାହାଲ ଗ୍ରାମର ସୁବାସ ବାଘଙ୍କ ଘର ସମ୍ମୁଖରେ ପଡ଼ୋଶୀ ପ୍ରଦୀପ ବାଘ ଓ ସଞ୍ଜୟ ବାଘ ଗୋବରଗଦା କରି ଗୋବର ପାଣି ସୁବାସଙ୍କ ଘର ସମ୍ମୁଖକୁ ଛାଡୁଛନ୍ତି। ସୁବାସ ପ୍ରତିବାଦ କରିବାରୁ ରାତି ୮ଟାରେ ପ୍ରଦୀପ ଓ ସଞ୍ଜୟ ସୁବାସଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ତାଙ୍କ ଗୋଡକୁ ବାଡେଇ ରକ୍ତାକ୍ତ କରିଦେଇଛନ୍ତି। ଏଥିସହ ଜୀବନରେ ମାରି ଦେବାକୁ ଧମକ ଦେଇଛନ୍ତି। ଆହତ ଅବସ୍ଥାରେ ସୁବାସ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନଂ ୩୦୯/୨୩ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସଡ଼କ ଦୁର୍ଘଟଣା ରୋକିବାକୁ କର୍ମଶାଳା

ଅନୁଗୋଳ, ୨୫ା୭
(ଅମିତ କୁମାର ସାମଲ)

ସଡ଼କ ଦୁର୍ଘଟଣାରେ ଅକାଳରେ ବହୁ ମୂଲ୍ୟବାନ ଜୀବନ ଯାଉଛି। ଅନେକ ଲୋକ ପଙ୍ଗୁ ହୋଇଯାଉଛନ୍ତି। ରାଜ୍ୟରେ ସଡ଼କ ଦୁର୍ଘଟଣାର ହାର ବେଶ୍ ଅଧିକ ଥିବାରୁ ଏହାକୁ କିପରି ହ୍ରାସ କରାଯାଇପାରିବ ସେ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ମଙ୍ଗଳବାର ଏକ ଦିନିକିଆ କର୍ମଶାଳା ଅନୁଗୋଳ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝରର ୪୫ ପୋଲିସ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଏଥିସହ ପରିବହନ ବିଭାଗର ୧୦ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ ପାଇବା ପରେ ବିଭିନ୍ନ ଜିଲାରେ ଦୁର୍ଘଟଣା ସଂଖ୍ୟା ହ୍ରାସ ସହ ମୃତକଙ୍କ ସଂଖ୍ୟା କମିବ ବୋଲି ଆଶା କରାଯାଉଛି।

୨୦୨୧ ମସିହାରେ ଅନୁଗୋଳ ଜିଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆଇରଡ୍ (ଇଣ୍ଟିଗ୍ରେଟେଡ୍ ରୋଡ୍ ଆକ୍ସିଡେଣ୍ଟ ଡାଟା ବେସ୍) ଓ ଇ-ଡିଏଆର (ଡିଟେଲନ୍ସ ଆକ୍ସିଡେଣ୍ଟ ରିପୋର୍ଟ) ମୋବାଇଲ ଆପ୍ ବ୍ୟବହାର କରାଯାଇଥିଲା। ଏହି ମୋବାଇଲ୍ ଆପ୍‌କୁ ତତ୍କାଳୀନ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ବ୍ୟବହାର କରାଇଥିଲେ। ଦୁର୍ଘଟଣାର ସମୟ, କାରଣ ଓ କିଭଳି ଦୁର୍ଘଟଣା ଘଟିଲା, ତାହାର ତଥ୍ୟ ଉକ୍ତ ଆପ୍‌ରେ ଅପ୍‌ଡେଟ୍ କରିବାକୁ କୁହାଯାଇଥିଲା। ହେଲେ ତଦନ୍ତ ବେଳେ ଏଥିରେ ଠିକ୍ ଭାବେ ତଥ୍ୟ ରଖାଯାଇ ନ ଥିବା ଦେଖାଦେଇଥିଲା। ତେଣୁ ଉକ୍ତ ଆପ୍‌ରେ ଠିକ୍ ଭାବେ ଯେପରି ତଥ୍ୟ ରହିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ତଥ୍ୟକୁ ବିଭାଗୀୟ ଅଧିକାରୀଙ୍କ ପାଖରୁ ଆରମ୍ଭ କରି ବୈଜ୍ଞାନିକ ଦଳ ତର୍ଜମା କରିବେ। ଦୁର୍ଘଟଣାର କାରଣ ଜଣାପଡ଼ିବା ପରେ ଉକ୍ତ ରାସ୍ତାରେ ଥିବା ତ୍ରୁଟିକୁ ସୁଧରାଯିବାର ବ୍ୟବସ୍ଥା କରାଯିବ। ଏହି ଆପ୍‌କୁ କିପରି ଠିକ୍ ଭାବେ ପରିଚାଳନା କରାଯିବ ସେ ନେଇ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଦୁର୍ଘଟଣା ପରେ ତଦନ୍ତକାରୀ ଅଧିକାରୀଙ୍କ ସହ ପରିବହନ ବିଭାଗର ଅଧିକାରୀ, ଜାତୀୟ କିମ୍ବା ରାଜ୍ୟ ରାଜପଥର ଅଧିକାରୀ ଓ ପୂର୍ତ୍ତ ବିଭାଗ ଅଧିକାରୀ ମିଳିତ ଭାବେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବେ। ଏହାପରେ ସେମାନେ ପାଇଥିବା ତଥ୍ୟ ଉକ୍ତ ଆପ୍‌ରେ ଅପଡେଟ୍ କରିବେ। ପରେ ବୈଷୟିକ ଟିମ୍ ତାହାର ତର୍ଜମା କରିବ। ଏହାଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ ବୋଲି ଅନୁଗୋଳ ଏନ୍‌ଆଇସିର ସିନିୟର ଟେକ୍ନିସିଆନ୍ ଡାଇରେକ୍ଟର ସୁବ୍ରତ କୁମାର ଚାଟାର୍ଜୀ କହିଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ କୁମାର ପଟ୍ଟନାୟକ କହିଛନ୍ତି, ଏହି ଆପ୍ ୨୦୨୧ରେ ଅନୁଗୋଳରେ ବ୍ୟବହାର ପରେ ଜିଲାରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ୨୦୨୧ରେ ଜିଲାରେ ୧୯୫ ଜଣଙ୍କ ଦୁର୍ଘଟଣାରେ ଜୀବନ ଯାଇଥିଲା। ୨୦୨୨ରେ ୧୯୩ ଓ ୨୦୨୩ରେ ୧୫୪ ଜଣଙ୍କ ମୃତ୍ୟୁ ହୋଇଛି। ଆଗକୁ ଏହା ଆହୁରି କମିବ। ଏହି ପ୍ରଶିକ୍ଷଣ ଶିବିରରେ ଏକ ବୈଷୟିକ ବିଶେଷଜ୍ଞ ଟିମ୍ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ନର୍ଥ ସେଣ୍ଟ୍ରାଲ ଜୋନ୍‌ର ଡିସି ସମିର ଦଳାଇ, ସିନିୟର ରୁଟ୍‌ଆଉଟ୍ ମ୍ୟାନେଜର (ଏନ୍‌ଆଇସି ଭୁବନେଶ୍ୱର) ଆର୍. ମହାପାତ୍ର, ଏମ୍‌ଭିଆଇ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


କର୍ମଶାଳାରେ ଯୋଗଦେଇଥିବା ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ।

- ଯୋଗଦେଲେ ୪ ଜିଲାର ୪୫ ପୋଲିସ ଅଧିକାରୀ
- ପ୍ରଶିକ୍ଷଣ ଦେଲେ ୧୦ ପରିବହନ ଅଧିକାରୀ
- ଆପ୍‌ରେ ତଥ୍ୟ ତର୍ଜମା ପରେ ଦୁର୍ଘଟଣା ରୋକିବାକୁ କରାଯିବ ଉଦ୍ୟମ

## ପାନୀୟ ଜଳ ପ୍ରକଳ୍ପ ଅଚଳ

କଣିହାଁ,୨୫ା୭(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ବୀରଭୂଇଁ ଗ୍ରାମର ବାସିନ୍ଦାଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ। କାରଣ ଏଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଏହାର ମରାମତି ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ବୀରଭୂଇଁ ଗ୍ରାମର ୨୬ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହା ସୋଲାର ସିଷ୍ଟମରେ ପରିଚାଳିତ ହେଉଥିଲା। ହେଲେ କିଛି ମାସ ଚାଲିବା ପରେ ଉକ୍ତ ଅଚଳ ହୋଇପଡିଛି। ଫଳରେ ପିଇବା ପାଣି ପାଇଁ ଗ୍ରାମବାସୀଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ପାନୀୟ ପ୍ରକଳ୍ପ ମରାମତି କରିବାକୁ କଂଗ୍ରେସର ଯୁବନେତା ପ୍ରତାପ ରଞ୍ଜନ ଶତପଥୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## କାରଖାନାରୁ ଯନ୍ତ୍ରାଂଶ ଚୋରି

ଛେଣ୍ଡିପଦା,୨୫ା୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ କାରଖାନାରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ଯନ୍ତ୍ରାଂଶ ଚୋରି କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କାରଖାନାର ମୁଖ୍ୟ ସୁରକ୍ଷା କର୍ମଚାରୀ ରାଜୁ କୁମାର ସାହୁ କାର୍ଯ୍ୟରତ ଥିବା ବେଳେ ଭୋର୍ ୪ଟା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହିତ କାରଖାନାର ଗୋଟିଏ ୟୁପିଏସ୍, ୩୦ ମିଟର କେବୁଲ, ୭ରୁ ୧୦ ଖଣ୍ଡ ଲୁହା ପ୍ଲେଟ ଓ ୧୦ କେଜିର ତମ୍ବା ପ୍ଲେଟ ନେଇ ପଳାଇ ଯାଇଥିଲେ। ସୁରକ୍ଷା କର୍ମଚାରୀ ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୨୯/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଦେଶୀ ମଦ ଜବତ, ୪ ଗିରଫ

ଆଠମଲ୍ଲିକ,୨୫ା୭(ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ସୋମବାର ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୯ ଲିଟର ଦେଶୀ ରନ୍ଧାମଦ ଓ ୩ ଶହ କିଲୋ ମହୁଲ ପୋଚ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଠମଲ୍ଲିକ ଥାନା ହିଙ୍ଗମଣ୍ଡଳ ଗ୍ରାମର ବିଶାମିତ୍ର ପ୍ରଧାନ, ମାଣତ୍ରୀ ଗ୍ରାମର ଚାରୁ କହଁର, ଦେଉଳବେଡା ଗ୍ରାମର ଶ୍ରୀମନ୍ତ ଦେହୁରୀ ଓ ବାସନ୍ତୀ ବେହେରା। ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଉପ ନିରୀକ୍ଷକ ରଞ୍ଜିତା ମହାନନ୍ଦ, ସହକାରୀ ଉପ ନିରୀକ୍ଷକ ରମେଶ ବେହେରାଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ନିଷ୍ଠାର ସହ ପରିଶ୍ରମ ସଫଳତା ଦିଏ



ଆଠମଲ୍ଲିକ,୨୫ା୭(ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ବିନିକେୟୀ ବିହାର ଠାରେ ମଙ୍ଗଳବାର ପଇଁଅଁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଚିତ୍ତରଞ୍ଜନ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ଚୈତନ୍ୟ ସାହୁ, ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ, କୋଷାଧ୍ୟକ୍ଷ ଦଶରଥ ପ୍ରଧାନ, ପରିଚାଳନା ପରିଷଦ ସମ୍ପାଦକ ମାଧଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ନିଷ୍ଠାର ସହ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ମୁଖ୍ୟଅତିଥି ଦେଓ କହିଥିଲେ। ଇଂଲିଶ ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ। ଜେନାମଣି ମେଧାବୃତ୍ତି ପାଇଁ ଜଲି ମାଝି ଓ ରୁନୁବାଳା ବେହେରାଙ୍କୁ ମନୋନୀତ କରାଯାଇ ଉଭୟଙ୍କୁ ୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

## ବାବୁଲି ସଭାପତି, ଅଭୟ ସମ୍ପାଦକ

### ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ

ଅନୁଗୋଳ, ୨୫ା୭
(ଅମିତ କୁମାର ସାମଲ)

ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଲ ସଂଘ ଅନୁଗୋଳ ଶାଖାର ନିର୍ବାଚନ ସୋମବାର ଶେଷ ହୋଇଛି। ବାବୁଲି ନାୟକ ସଭାପତି ଓ ଅଭୟ ସାମଲ ସମ୍ପାଦକ ଭାବେ ବିଜୟ ହୋଇଛନ୍ତି। ସଂଘ ପକ୍ଷରୁ ଜିଲାର ବିଭିନ୍ନ ଥାନା ସହ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇଥିଲା। ସଭାପତି ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବାବୁଲି ୨୫୭ ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଝସକେତନ ପ୍ରଧାନ ୨୨୩ ଓ ବିଶ୍ୱରଞ୍ଜନ ଜେନା ୧୪୭ଟି ଭୋଟ ପାଇଥିଲେ। ସେହିଭଳି ଉପସଭାପତି ପଦ ପାଇଁ ଲଢୁଥିବା ଅନିରୁଦ୍ଧ ଦାସ ୩୧୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଗୁରୁଦେବ ସାହୁ ୩୦୮ ଭୋଟ ପାଇଥିଲେ। ସମ୍ପାଦକ ପଦ ପାଇଁ ଲଢୁଥିବା ଅଭୟ ସାମଲ ୨୬୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରଞ୍ଜନ କୁମାର ସାହୁ ୨୨୧ ଓ ଅଭିରାମ୍ ନାୟକ ୧୩୩ ଭୋଟ ପାଇ ପରାଜିତ ହୋଇଥିଲେ। ସହ-ସମ୍ପାଦକ ପଦରେ ଲିଙ୍ଗରାଜ ବେହେରା ଓ ଟୁକୁନା ସାହୁ ବିଜୟ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଦୁଷ୍ମନ୍ତ କୁମାର ସାହୁଙ୍କୁ ପରାସ୍ତ କରି ପୂର୍ଣ୍ଣଚନ୍ଦ୍ର କିଷାନ ବିଜୟୀ ହୋଇଥିଲେ। ଏଥିସହ ୫ଟି ସଦସ୍ୟ ପଦବୀରେ ସୀମାର କୁମାର ମହାରଣା, ରଞ୍ଜନ କୁମାର ପ୍ରଧାନ, ଅମରେନ୍ଦ୍ର ସାହୁ, ଅଲେଖ ସାହୁ ଓ ମାମଲି ନାୟକ ବିଜୟୀ ହୋଇଛନ୍ତି।


ବିଜୟୀ କର୍ମକର୍ତ୍ତାମାନେ।

## ଆଦିତ୍ୟଙ୍କ ତବଲା ବାଦନ ସାଧନା

**ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ**

ତିହିଡ଼ି,୨୫ା୭(ସଞ୍ଜିତ୍ ବଳ)

କଲେଜରେ ପାଠପଢ଼ା ସାଙ୍ଗକୁ ତବଲା ବାଦନ। ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ସହ ଜଣେ ପ୍ରତିଷ୍ଠିତ ବାଦ୍ୟକାର ହେବା ଲକ୍ଷ୍ୟରେ ସେ ସାଧନା ଜାରି ରଖିଛନ୍ତି। କେବଳ ଜିଲା ନୁହଁ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସେ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ନନ୍ଦପୁର ଗ୍ରାମର ଆଦିତ୍ୟ ନାରାୟଣ ପତି। ଉଦୟ ନାରାୟଣ ଓ ପ୍ରମୋଦିନୀଙ୍କ ପୁଅ ଆଦିତ୍ୟ ତିହିଡ଼ି ଯୁକ୍ତ ୨ କଲେଜରେ ୨ୟ ବର୍ଷର ବିଜ୍ଞାନ ଛାତ୍ର। ୮ ବର୍ଷ ବୟସରୁ ବାଦ୍ୟଯନ୍ତ୍ର ପ୍ରତି ଆଗ୍ରହ ବଢ଼ିଥିଲା। ସେ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳରେ ତବଲା ଶିକ୍ଷା ଆରମ୍ଭ କରିଥିଲେ। ସଙ୍ଗୀତ ଗୁରୁ ରାମାନୁଜ ଦାସ ଓ କୃତିବାସ ଜେନାଙ୍କଠାରୁ ଶିକ୍ଷା ଗ୍ରହଣ କରି ତବଲା ବାଦନରେ ନିପୁଣ ହୋଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ସେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ନିକଟରେ ବାଲେଶ୍ୱରର ତାଳ ଦରବାର ସଙ୍ଗଠନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ତବଲା ଉତ୍ସବ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଅଂଶଗ୍ରହଣ କରି ଆଦିତ୍ୟ ପ୍ରଥମ ହୋଇଛନ୍ତି। ବିଶିଷ୍ଟ ତବଲା ବାଦକ ଅଜିଦାନନ୍ଦ ଦେବ ଗୋସ୍ୱାମୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ପ୍ରାଧ୍ୟାପକ ଡ. ଦେବାଶିଷ ପାତ୍ର, କବି ପ୍ରଶାନ୍ତ ଦାସ ପ୍ରମୁଖଙ୍କଠାରୁ ସେ ସମ୍ମାନ ଗ୍ରହଣ କରିଥିଲେ। ସମ୍ମାନିତ ହେବା ପରେ ଅଧିକ ଉତ୍ସାହିତ ହେବା ସହ ଭବିଷ୍ୟତରେ ଜଣେ ବିଶିଷ୍ଟ ତବଲା ବାଦକ ହୋଇ ସୁନାମ ଅର୍ଜନ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ତାଳ ଦରବାର ତବଲା ଉତ୍ସବରେ ଆଦିତ୍ୟ ନାରାୟଣ ପତିଙ୍କୁ ସମ୍ମାନିତ କରାଯାଉଛି।


ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ମହାନଦୀର ଜଳରାଶି ଉପରେ ଅସ୍ତଗାମୀ ସୂର୍ଯ୍ୟ କିରଣ।

## ଉପ ବାଚସ୍ପତିଙ୍କ ଘର ଆଗରେ ଖଣ୍ଡା ବୁଲାଇ ଆତଙ୍କ

ଅନୁଗୋଳ,୨୫ା୭(ଅମିତ କୁମାର ସାମଲ)

ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଗୋତମରା ବାସଭବନ ଆଗରେ ମଙ୍ଗଳବାର ୨ ଜଣ ଯୁବକ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛି। ସେମାନେ ଖଣ୍ଡା ବୁଲାଇବା ସହ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରି କି ସମ୍ପୃକ୍ତ ଯୁବକଙ୍କୁ ରୋକିବାକୁ ଆସିଥିବା ବଅଁରପାଳ ଥାନାର ୨ ଜଣ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏ ନେଇ ଉପବାଚସ୍ପତିଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

ପୋଲିସ କହିଛି, ଗୋତମରା ଗାଁର ୨ ଯୁବକ ମଦ୍ୟପାନ କରି ଉପବାଚସ୍ପତିଙ୍କ ବାସଭବନ ସମ୍ମୁଖରେ ପହଞ୍ଚି ଗାଳିଗୁଲଜ କରିଥିଲେ। ସେମାନେ ଖଣ୍ଡା ବୁଲାଇ ଭୟଭିତ କରିଦେଇଥିଲେ। ଖବରପାଇ ଥାନା କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ ହେଁ ସମ୍ପୃକ୍ତ ୨ ଯୁବକ ଏଏସ୍‌ଆଇ ହରେଶ ଚନ୍ଦ୍ର ଦଳେଇ ଓ ଅନ୍ୟ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପରେ ଥାନାର ଅଧିକ କର୍ମଚାରୀ ପହଞ୍ଚି ଦୁହିଁଙ୍କୁ କାବୁକରି ଥାନାକୁ ନେଇଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉପବାଚସ୍ପତିଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

- ରୋକିବାକୁ ଯାଇ ୨ ପୋଲିସ ଆହତ
- ଥାନାରେ ଅଭିଯୋଗ ପରେ ୨ ଅଟକ



ଆତଙ୍କ ସୃଷ୍ଟି କରିଥିବା ଯୁବକଙ୍କୁ ପୋଲିସ କାବୁ କରିବାକୁ ଉଦ୍ୟମ କରୁଛି।

## ଦୋଷୀଙ୍କୁ ୨୦ବର୍ଷ ଜେଲ

**ନାବାଳିକା ଗଣବଳାତ୍କାର ମାମଲା**

କେନ୍ଦୁଝର, ୨୫ା୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍ ଏସ୍. ତ୍ରିପାଠୀ ମଙ୍ଗଳବାର ଏକ ନାବାଳିକା ଗଣବଳାତ୍କାର ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବଡ଼ବିଲର ବିଜୟ ମହାରଣା(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡ ସହ ୫୩ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଜରିମାନା ଅନାଦାୟ ୧୫ ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ବଡ଼ବିଲ ଥାନା ଅଞ୍ଚଳରେ ୨୦୧୭ ଅଗଷ୍ଟ ୫ରେ ମା' ବାପା ଟାଟା ଯାଇଥିବା ବେଳେ ନାବାଳିକା ଏକ ଶପିଂମଲକୁ ବୁଲିବାକୁ ଯାଇଥିଲେ। ୨ଜଣ ଯୁବକ ଏକ ବାଇକ୍‌ରେ ଆସି ରାସ୍ତାରୁ ତାଙ୍କୁ ଉଠାଇନେଇ ମୁର୍ଗା ମହାଦେବ ଆଡ଼କୁ ଯାଇଥିଲେ। ପରେ ଆଉ ଜଣେ ଯୁବକ ଆସି ସେଠାରେ ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କୁ ବଳାତ୍କାର କରି ଷ୍ଟେଶନ ରୋଡ୍‌କୁ ନେଇଥିଲେ। ସେଠାରୁ ପୀଡ଼ିତା ଖସି ଆସି ଷ୍ଟେଶନରେ ରହିଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଷ୍ଟେଶନରୁ ପାଇବା ପରେ ଘଟଣା ସମ୍ପର୍କରେ ଜାଣି ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୦୮/୧୭) ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ୨ଜଣ ଫେରାର ଅଛନ୍ତି। ୧୪ଜଣ ସାକ୍ଷୀଙ୍କ ବୟାନ ଏବଂ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଣି କରିଥିବା ସ୍ୱତନ୍ତ୍ର ସରକାରୀ ଓକିଲ ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି। ସେହିପରି ପୀଡ଼ିତାଙ୍କୁ ୭.୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାମଧ୍ୟରେ ୬ବର୍ଷ ବିତିଯାଇଥିବା ବେଳେ ଫେରାର ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ।

